بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୨୯ ନଭେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ସୁଲ୍‌ହା ହୁଦେବିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱରଅ.ବ କହିଲେ; ସୁଲ୍‌ହା ହୁଦେବିୟାର ଘଟଣା ଚର୍ଚ୍ଚା ଚାଲିଛି । ଆଜି ତାହାର ଅଧିକ ବ୍ୟାଖ୍ୟା ବର୍ଣ୍ଣନା କରିବି, ସେତେବେଳେ ସାହାବାମାନଙ୍କର ପହରା ଦେବା ଡ଼ିଉଟି ଲାଗିଥିଲା । ସେଥି ସଂକ୍ରାନ୍ତରେ ଚର୍ଚ୍ଚା ମିଳୁଅଛି ଯେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ନିଜ ସହଚରମାନଙ୍କୁ ରାତ୍ରି ସମୟରେ ପହରା ଦେବା ପାଇଁ ଆଦେଶ ଦେଇଥିଲେ । ଅତଏବ ପ୍ରତିଦିନ ତିନି ଜଣ ସାହାବୀ ଜଣକ ପରେ ଜଣେ ପହରା ଦେଉଥିଲେ ।

ଇତିହାସ ପୃଷ୍ଠାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ମୁସଲମାନମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ହୁଜୁର ସ.ଅଙ୍କ ଅନୁମତି କ୍ରମେ ମକ୍କାରେ ପ୍ରବେଶ କରିଥିଲେ । ଆଉ ସେମାନେ ହଜରତ ଉସମାନ ର.ଅଙ୍କ ସୁରକ୍ଷାରେ ମକ୍କାରେ ପ୍ରବେଶ କରିଥିଲେ ଏବଂ ଏହା ମଧ୍ୟ କୁହାଯାଏ ଯେ, ସେମାନେ ଲୁଚିଛପି (ମକ୍କାରେ) ପ୍ରବେଶ କରିଥିଲେ । ଯେତେବେଳେ ସେହି ମୁସଲମାନମାନଙ୍କ ସଂକ୍ରାନ୍ତରେ କୁରୈଶ୍‌କୁ ଖବର ମିଳିଲା ସେତେବେଳେ ସେମାନେ ତାଙ୍କୁ ଧରି ନେଲେ । ସେପଟେ କୁରୈଶ୍‌ର ଲୋକମାନଙ୍କୁ ମଧ୍ୟ ହଜରତ ମୁହମ୍ମଦ ବିନ୍ ମୁସେଲମାଃ ଅଟକାଇ ରଖିଥିବାର ଖବର (ତାଙ୍କୁ) ମିଳି ଯାଇଥିଲା । ତେଣୁ କୁରୈଶ୍‌ର ଆଉ ଏକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଦଳ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲା । ସେମାନେ ତୀର ଓ ପଥର ଫିଙ୍ଗିବା ଆରମ୍ଭ କରିଦେଲେ, ଅମାନ୍ୟକାରୀଙ୍କ ୧୨ଜଣ ଅଶ୍ୱାରୋହୀଙ୍କୁ ମୁସଲମାନମାନେ ବନ୍ଦୀ କରିନେଲେ ତେବେ ସେହି ସଂଘର୍ଷରେ ମୁସଲମାନମାନଙ୍କ ମଧ୍ୟରୁ ହଜରତ ଇବ୍‌ନେ ଜୁନେମ୍ର.ଅ ଶହିଦ୍ ହୋଇଗଲେ । କୁରୈଶ୍ ତାଙ୍କୁ ତୀର ମାରି ଶହିଦ୍ କରିଦେଇଥିଲେ ।

ପୁନଶ୍ଚ କୁରୈଶ୍ ନିଜର ଏକ ପ୍ରତିନିଧି ଦଳ ହଜରତ ମୁହମ୍ମଦ ସ.ଅଙ୍କ ନିକଟକୁ ପ୍ରେରଣ କଲେ, ଯେଉଁମାନଙ୍କ ମଧ୍ୟରେ ସୋହେଲ୍ ବିନ୍ ଅମରୋ ସାମିଲ ଥିଲେ । ହୁଜୁରସ.ଅ ତାଙ୍କୁ ଦୂରରୁ ଦେଖିବା ମାତ୍ରେ ସାହାବାଙ୍କୁ କହିଲେ; ସୋହେଲ୍‌ଙ୍କ ମାଧ୍ୟମରେ ତୁମର ମାମଲା ସହଜ ଓ ସରଳ ହୋଇଯିବ । ସେ ହଜରତ ମୁହମ୍ମଦ ସ.ଅଙ୍କ ନିକଟରେ ପହଞ୍ଚି କହିଲେ; ଆପଣଙ୍କ ସାଥୀମାନେ ଅର୍ଥାତ ହଜରତ ଉସମାନ୍ର.ଅ ଓ ଅନ୍ୟ ଦଶ ଜଣ ସାହାବୀ କଏଦ ହେବା ଏବଂ ଆମର କିଛି ଲୋକମାନେ ଆପଣଙ୍କର ମୁକାବିଲା କରିବାର ଯେଉଁ ମାମଲା ରହିଛି ସେଥିରେ ଆମର କୌଣସି ପ୍ରତିପତ୍ତିଶାଳୀ ବ୍ୟକ୍ତି ସାମିଲ ନଥିଲେ । ଯେତେବେଳେ ଆମକୁ ତାହାର ଖବର ମିଳିଲା ସେତେବେଳେ ଆମମାନେ ବହୁତ କ୍ଷୁବ୍ଧ ହେଲୁ, ଆମେମାନେ ସେଥି ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲୁ । ବାସ୍ତବରେ ସେମାନେ ଅତି ବାଜେ ଯୁବକ ଥିଲେ । ସେଥିପାଇଁ ଆମର ଯେଉଁ ଲୋକମାନଙ୍କୁ ଦୁଇଥର ଧରିଛନ୍ତି, ସେମାନଙ୍କୁ ଆମମାନଙ୍କ ଗହଣକୁ ଛାଡ଼ି ଦିଅନ୍ତୁ । ପ୍ରତିଉତ୍ତରରେ ମହାଭାଗ କହିଲେ; ମୁଁ ସେମାନଙ୍କୁ ସେପର୍ଯ୍ୟନ୍ତ ମୁକ୍ତ କରିବି ନାହିଁ ଯେପର୍ଯ୍ୟନ୍ତ ତୁମେ ଆମ ଲୋକମାନଙ୍କୁ ଛାଡ଼ି ନାହଁ । ଏଥିରେ ସେମାନେ କହିଲେ; ଅଚ୍ଛା ଠିକ୍ ଅଛି ଆମେ ତାଙ୍କୁ ଛାଡ଼ି ଦେଉଛୁ । ଅତଏବ କୁରୈଶ୍ ହଜରତ ଉସମାନ୍ର.ଅ ଓ ଅନ୍ୟ ଦଶଜଣ ସାହାବୀଙ୍କୁ ଫେରସ୍ତ କରିଦେଲେ ।

ସେତେବେଳେ ହୁଜୁରସ.ଅ ମଧ୍ୟ ପ୍ରତିପକ୍ଷର ଲୋକମାନଙ୍କୁ ପ୍ରେରଣ କରିଦେଲେ ।

ଯେପରିକି ଚର୍ଚ୍ଚା ହୋଇଥିଲା ଯେ, ହଜରତ ଉସମାନ୍ ର.ଅଙ୍କୁ ଅମାନ୍ୟକାରୀମାନେ ଧରି ନେଇଥିଲେ । ଆଉ ଯେତେବେଳେ ସେହି ସୂଚନା ମହାଭାଗଙ୍କୁ ମିଳିଲା ସେତେବେଳେ ଆପଣ ସାହାବାମାନଙ୍କ ଠାରୁ ଏକ ବୈଅତ୍, ପ୍ରତିଜ୍ଞା ନେଲେ, ଯାହାର ନାମ ବୈଅତେ ରିଜଓ୍ୱାନ୍ । ଯେତେବେଳେ କୁରୈଶ୍‌ଙ୍କୁ ହୁଦେବିୟାର ଉକ୍ତ ବୈଅତ୍‌ର କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଖବର ମିଳିଲା ସେତେବେଳେ ସେମାନେ ଭୟଭୀତ ହୋଇ ଉଠିଲେ ଏବଂ ସେମାନଙ୍କ ବରିଷ୍ଠ ପରାମର୍ଶଦାତାମାନେ ମନ୍ତବ୍ୟ ଦେଲେ ଯେ, ଏବେ ମୁସଲମାନମାନଙ୍କ ସହିତ ସନ୍ଧି କରିବା ଉଚିତ୍ ହେବ । ଅର୍ଥାତ ଏହି ସର୍ତ୍ତରେ ସନ୍ଧି କର କି ଏହି ବର୍ଷ ଆପଣମାନେ ଫେରିଯାନ୍ତୁ, ହଁ ଆସନ୍ତା ବର୍ଷ ପୁନର୍ବାର ଆସି ମକ୍କାରେ ତିନି ଦିନ ଅବସ୍ଥାନ କରିପାରିବେ । କିନ୍ତୁ ଆପଣ ସ.ଅଙ୍କ ନିକଟରେ ଜଣେ ଆରୋହଣକାରୀର ଆବଶ୍ୟକ ଅସ୍ତ୍ର ଅର୍ଥାତ ମିଆନ୍‌ରେ ସୁପ୍ତ ଖଣ୍ଡା (ବ୍ୟତୀତ ଅନ୍ୟ କୌଣସି ଅସ୍ତ୍ରଶସ୍ତ୍ର) ନଥିବ ।

ସୁଲ୍‌ହା ହୁଦେବିୟା ସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ ସାହେବ ଏପରି ଉଲ୍ଲେଖ କରିଛନ୍ତି ଯେ, ସୋହେଲ୍ ଆସିଲା ଏବଂ ଆସିବା ମାତ୍ରେ ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ ସ.ଅଙ୍କୁ କହିଲା; ଆସନ୍ତୁ ପରସ୍ପର ସହିତ ଦୀର୍ଘ ସମୟ ଧରି ତର୍କ କରିବା ପରିବର୍ତ୍ତେ ଆମେ ସନ୍ଧି କରିନେବା । ଏଥିରେ ନବୀଶ୍ରେଷ୍ଠ କହିଲେ; ଆମେ ମଧ୍ୟ ସନ୍ଧି ପାଇଁ ପ୍ରସ୍ତୁତ ଅଛୁ । ସେଥିଅନ୍ତେ ହୁଜୁରସ.ଅ ନିଜ ସେକ୍ରେଟେରୀ ହଜରତ ଅଲୀ ର.ଅଙ୍କୁ ଡ଼ାକିଲେ । ଯେହେତୁ ସର୍ତ୍ତ ପ୍ରସଙ୍ଗରେ ଏକ ସାଧାରଣ ଯୁକ୍ତି ପୂର୍ବରୁ ହୋଇସାରିଥିଲା ଏବଂ ବ୍ୟାଖ୍ୟାତ୍ମକ ନିର୍ଣ୍ଣୟ ଘଟଣାସ୍ଥଳେ ହିଁ ସ୍ଥିର ହେବାର ଥିଲା, ତେଣୁ ଲିପିକାର (ଲେଖାଳୀ) ଆସିବା ମାତ୍ରେ ହୁଜୁରସ.ଅ କହିଲେ; ଲେଖ– ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍‌ରହିମ୍ । ସୋହେଲ୍ ଯେ ସନ୍ଧି ପାଇଁ ତ ରାଜି ଥିଲା କିନ୍ତୁ କୁରୈଶ୍‌ର ଅଧିକାର ପ୍ରତି ଅତି ଯତ୍ନବାନ ଓ ମକ୍କାବାସୀଙ୍କ ମର୍ଯ୍ୟାଦା ରକ୍ଷା କରିବା ପ୍ରତି ବିଶେଷ ସତର୍କତା ଅବଲମ୍ବନ କରୁଥିଲା । ସେ ଆରବବାସୀଙ୍କ ପ୍ରଚଳିତ ପ୍ରଥା ମୁତାବକ ବେଇସ୍‌ମିକା ଅଲ୍ଲାଃହୁମ୍ମା ଲେଖିବାକୁ ଜିଦି ଧରିଲା । ଅପରପାର୍ଶ୍ୱରେ ମୁସଲମାନମାନଙ୍କ ସକାଶେ ମଧ୍ୟ ସାମ୍ପ୍ରଦାୟିକ ସମ୍ମାନ ଓ ଧାର୍ମିକ ଗରିମା ରକ୍ଷା କରିବାର ମଧ୍ୟ ପ୍ରଶ୍ନ ଥିଲା, ସେମାନେ ମଧ୍ୟ ଏହି (ଉକ୍ତିର) ପରିବର୍ତ୍ତନ କରିବା କଥା ଶୁଣିବା ମାତ୍ରେ ଚକିତ ହୋଇଗଲେ ଏବଂ କହିଲେ; ଆମେ ନିଶ୍ଚୟ ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍‌ରହିମ୍ ହିଁ ଲେଖିବୁ । କିନ୍ତୁ ହଜରତ ମୁହମ୍ମଦସ.ଅ ଏହା କହି ମୁସଲମାନମାନଙ୍କୁ ନିରବ କରିଦେଲେ ଯେ, ନା ଏଥିରେ କିଛି ଅସୁବିଧା ନାହିଁ । ଯେପରି ସୋହେଲ୍ କହୁଛନ୍ତି ସେହିପରି ଲେଖିଦିଅ । ତହୁଁପରେ ହୁଜୁରସ.ଅ କହିଲେ; ଲେଖ– ଏହି ଚୁକ୍ତି ଯାହାକି ମୁହମ୍ମଦ ରସୁଲୁଲ୍ଲାଃସ.ଅ କରୁଛନ୍ତି । ଏଥିରେ ସୋହେଲ୍ ପୁନଶ୍ଚ ଅଟକାଇ କହିଲା; ଆମ୍ଭେ ଏହି "ରସୁଲୁଲ୍ଲାଃ" ଶବ୍ଦ ଲେଖିବାକୁ ଦେବୁ ନାହିଁ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ କହିଲେ; **ଆପଣମାନେ ସ୍ୱୀକାର କର ଅବା ନକର, ମୁଁ ଅଲ୍ଲାଃଙ୍କ ପ୍ରେରିତ ଦୂତ ।** କିନ୍ତୁ ଯେହେତୁ ମୁଁ ମୁହମ୍ମଦ୍ ବିନ୍ ଅବ୍ଦୁଲ୍ଲାଃ ମଧ୍ୟ ଅଟେ । ତେଣୁ ଚାଲ ଏପରି ହିଁ ଲେଖିଦିଅ । ଏହିସ୍ଥଳେ ଆପଣଙ୍କ ଲିପିକାର ହଜରତ ଅଲୀ ର.ଅଙ୍କର ବିଶ୍ୱାସର ଗରିମା ଚର୍ଚ୍ଚା ହୋଇଛି ଯେ, ହଜରତ ମୁହମ୍ମଦ ସ.ଅଙ୍କ ନାମରୁ "ରସୁଲୁଲ୍ଲାଃ" ଶବ୍ଦ କାଟିବାକୁ ସେ ପସନ୍ଦ କଲେ ନାହିଁ । ସୁତରାଂ ମହାଭାଗ ସ୍ୱୟଂ ସେହି ଶବ୍ଦଟିକୁ କାଟିଦେଲେ ।

ଏହି ଅବସରରେ ହଜରତ ଉମର ର.ଅଙ୍କ ଉତ୍ତେଜନା ଓ ଉତ୍ସାହର ଚର୍ଚ୍ଚା ମଧ୍ୟ ଉଲ୍ଲେଖ ରହିଛି । ହଜରତ ମୁସଲେହ୍ ମଉଦର.ଅ ଉକ୍ତ ଘଟଣାକୁ ଅବୁବକର୍ ସିଦ୍ଦିକ୍ ର.ଅଙ୍କ ଉତ୍ତମ ସ୍ୱଭାବ ମାଧ୍ୟମରେ ଏପରି ବର୍ଣ୍ଣନା କରିଛନ୍ତି ଯେ, ଏକଦା ହୁଜୁରସ.ଅ ସାହାବାଙ୍କୁ ସମ୍ବୋଧିତ କରି କହିଲେ; ମୁଁ ତୁମମାନଙ୍କୁ ଅନେକ ଆଦେଶ ଦେଇଛି କିନ୍ତୁ (ତାହା ପାଳନ କରିବାରେ) ତୁମମାନଙ୍କ ମଧ୍ୟରେ ନିଷ୍ଠାବାନମାନେ ବି କେତେକ ସମୟରେ ଅସନ୍ତୋଷ ମନୋଭାବ ପ୍ରକଟ କରିବା ପରିଲକ୍ଷିତ କରିଛି ଯେବେ କି ଅବୁବକର୍‌ଙ୍କ ଠାରେ ସେପରି ଲକ୍ଷଣ କଦାପି ଅବଲୋକନ କରି ନାହିଁ ।

ଚୁକ୍ତିର ସର୍ତ୍ତାବଳୀ ସ୍ଥିର ହେବା ସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ ସାହେବ ଉଲ୍ଲେଖ କରନ୍ତି, ସେ ଜାହା ହେଉ ଅନେକ ତର୍କବିତର୍କ ପରେ ଚୁକ୍ତିପତ୍ର ସାକ୍ଷାରିତ ହେଲା ଏବଂ ପାଖାପାଖି ପ୍ରତ୍ୟେକ ମାମଲାରେ ହଜରତ ମୁହମ୍ମଦସ.ଅ ନିଜ କଥାକୁ ବାଦ ଦେଇ କୁରୈଶ୍‌ର ଜିଦିଖୋର କଥାକୁ ସ୍ୱୀକାର କରିନେଲେ ଏବଂ ଈଶ୍ୱରଙ୍କ ଇଚ୍ଛା ଅନ୍ତର୍ଗତ ନିଜର ସେହି ପ୍ରତିଜ୍ଞାକୁ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ସମ୍ପାଦନ କଲେ । ଉକ୍ତ ଚୁକ୍ତିନାମାର ଦୁଇଗୋଟି ନକଲ ପ୍ରସ୍ତୁତ କରାଗଲା ଏବଂ ସାକ୍ଷୀ ରୂପେ ଉଭୟ ପକ୍ଷର ମାନ୍ୟଗଣ ବ୍ୟକ୍ତିମାନେ ସେଥିରେ ନିଜର ହସ୍ତାକ୍ଷର କଲେ । ଏହା ସମ୍ପନ୍ନ ହେବା ପରେ ସୋହେଲ୍ ବିନ୍ ଅମ୍‌ରୋ ଚୁକ୍ତିପତ୍ରର ଗୋଟିଏ ନକଲ ନେଇ ମକ୍କା ଅଭିମୁଖେ ବାହାରି ଗଲା ଏବଂ ଅନ୍ୟ ନକଲଟି ମହାଭାଗଙ୍କ ନିକଟରେ ରହିଥିଲା ।

ଏହି ଅବସରରେ ସାହାବାମାନଙ୍କର ବ୍ୟତିବ୍ୟସ୍ତତାର ମଧ୍ୟ ଚର୍ଚ୍ଚା ବର୍ଣ୍ଣନା ରହିଛି । ଯେତେବେଳେ ହୁଜୁରସ.ଅ ସେହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରୁ ବିରତ ହେଲେ ସେତେବେଳେ ନିଜ ଅନୁଗାମୀମାନଙ୍କୁ କହିଲେ; ଉଠ ! ନିଜ ଓଟଗୁଡ଼ିକୁ ଜେବହ୍ କରିଦିଅ ଓ ନିଜ ମୁଣ୍ଡନ କରିନିଅ । କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ଛିଡ଼ା ହେଲେ ନାହିଁ । ଏପରିକି ଆପଣ ସେହି କଥା ତିନିଥର ପୁନରାବୃତ୍ତି କଲେ । ସାହାବାଙ୍କର ଏହି ପ୍ରତିକ୍ରିୟାରେ ହୁଜୁରସ.ଅଙ୍କୁ (ଭୀଷଣ) ଧକ୍କା ଲାଗିଲା, ତେଣୁ ଆପଣ ନିରବତାର ସହିତ ନିଜ ଶିବିରକୁ ଚାଲିଗଲେ । ଶିବିରରେ ଆପଣସ.ଅଙ୍କର ସହଧର୍ମିଣୀ ଉମ୍ମେ ସଲ୍‌ମାର.ଅ ଯେ କି ଜଣେ ଅତ୍ୟନ୍ତ ବିଚକ୍ଷଣ ଓ ବୁଦ୍ଧିମତୀ ମହିଳା ଥିଲେ, ସେ ସେହି ସମସ୍ତ ଘଟଣା ଅବଲୋକନ କରୁଥିଲେ । ସେ ନିଜ ବିଶ୍ୱସ୍ତ ଓ ଅତି ଅନୁରାଗୀ ସ୍ୱାମୀଙ୍କୁ ଚିନ୍ତିତ ଅବସ୍ଥାରେ ଭିତରକୁ ଆସିବା ଦେଖିଲେ ଏବଂ ତାଙ୍କ ମୁଖରୁ ଚିନ୍ତା ଓ ଭାରାକ୍ରାନ୍ତ ମନକୁ ସ୍ପଷ୍ଟ ରୂପେ ବାରି ସହାନୁଭୂତି ତଥା ପ୍ରୀତିପୂର୍ଣ୍ଣ ଭାବରେ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ଆପଣ ଦୁଃଖ ଓ ମନସ୍ତାପ କରନ୍ତୁ ନାହିଁ । **ଆପଣସ.ଅଙ୍କ ସାଥୀମାନେ ଅମାନ୍ୟ ଓ ଅବଜ୍ଞକାରୀ କଦାପି ନୁହନ୍ତି କିନ୍ତୁ ଏହି ଚୁକ୍ତିର ସର୍ତ୍ତାବଳୀ ସେମାନଙ୍କୁ ହତୋତ୍ସାହିତ କରି ଦେଇଛି ।** ସୁତରାଂ ଆପଣଙ୍କୁ ମୋର (ସବିନୟ) ପରାମର୍ଶ କି ଆପଣ ସେମାନଙ୍କୁ କିଛି କୁହନ୍ତୁ ନାହିଁ, ବରଂ ନିରବତାର ସହିତ ବାହାରକୁ ଯାଇ ନିଜ ପଶୁ ବଳି ଦେଇ ଦିଅନ୍ତୁ ଏବଂ ନିଜର ମୁଣ୍ଡନ କରି ନିଅନ୍ତୁ । ତା'ପରେ ଦେଖିବେ ଆପଣଙ୍କ ସାଥୀମାନେ ଆପଣଙ୍କର (ନିଶ୍ଚୟ) ଅନୁସରଣ କରିବେ । ଏହି ମନ୍ତବ୍ୟ ମହାଭାଗଙ୍କ ମନକୁ ପାଇଲା ଏବଂ ଆପଣସ.ଅ ତଦନୁରୂପ କାର୍ଯ୍ୟକାରୀ କଲେ ।

ବର୍ଣ୍ଣିତ ରହିଛି ଯେ, ରସୁଲୁଲ୍ଲାଃସ.ଅ ହୁଦେବିୟାରେ ୧୯ଦିନ ଅବସ୍ଥାନ କରିଥିଲେ ଏବଂ ଏହା ମଧ୍ୟ କୁହାଯାଏ ଯେ ଆପଣସ.ଅ ୨୦ଟି ରାତ୍ରି ଅବସ୍ଥାନ କରିଥିଲେ । ଯେତେବେଳେ ହୁଜୁରସ.ଅ ପ୍ରତ୍ୟାବର୍ତ୍ତନ କଲେ ଓ ଉସଫାନ୍ (ଅଞ୍ଚଳ) ନିକଟରେ କୁରାଉଲ୍ ଗମିମ୍ ଠାରେ ପହଞ୍ଚିଲେ ସେତେବେଳେ ରାତି ପାହି ଯାଇଥିଲା । ସେଠାରେ ହୁଜୁରସ.ଅ ଘୋଷଣା କରି ସମସ୍ତ ସାହାବାଙ୍କୁ ଏକତ୍ରିତ କଲେ, ଆଉ କହିଲେ; ଆଜି ରାତିରେ ମୋ ଉପରେ ଏକ ସୁରଃ (ସୁରେ ଫତ୍‌ହା) ଅବତୀର୍ଣ୍ଣ ହୋଇଛି । ଯାହାକି ମୋତେ ସଂସାରର ସକଳ ବସ୍ତୁ ଠାରୁ ଅଧିକ ପ୍ରିୟ । ଯେତେବେଳେ ଆପଣ (ସୁରେ ଫତ୍‌ହାର ୨ ରୁ ୪ ଓ ୨୮ନମ୍ବର ଆୟତ୍) ଆବୃତ୍ତି କରି ସାହାବାଙ୍କୁ ଶୁଣାଇଲେ ସେତେବେଳେ ଯେହେତୁ କେତେକ ସାହାବାଙ୍କ ମନରେ ଏଯାବତ୍ ସୁଲ୍‌ହା ହୁଦେବିୟାର ବିତୃଷ୍ଣା ଭାବ ବାକି ରହିଥିଲା । ସେମାନେ ଆଚମ୍ବିତ ହୋଇ ପ୍ରଶ୍ନ କଲେ, ଏମିତି ଦେଖିବାକୁ ଗଲେ ତ ଆମେ ପତିତ ଓ ଅକୃତକାର୍ଯ୍ୟ ହୋଇ ଫେରୁଅଛେ । କିନ୍ତୁ ପ୍ରଭୁ ଆମକୁ ବିଜୟର ଶୁଭେଚ୍ଛା ପ୍ରଦାନ କରୁଛନ୍ତି । ଏପରିକି କେତେକ ବ୍ୟଗ୍ରପୂର୍ଣ୍ଣ ସାହାବା ଏପରି ଶବ୍ଦ ମଧ୍ୟ ନିଜ ମୁଖରୁ ଉଚ୍ଚାରଣ କରିଦେଲେ ଯେ, କ'ଣ ଏହା ବିଜୟ ? ଆମେ ତ ବୈତୁଲ୍ଲାଃର ପରିକ୍ରମା କରିବାରୁ ବଞ୍ଚିତ ରହି ଫେରୁଅଛେ । ଯେତେବେଳେ ହଜରତ ମୁହମ୍ମଦସ.ଅଙ୍କୁ ସେହି କଥାର ଜ୍ଞାତ ହେଲା ସେତେବେଳେ ଆପଣସ.ଅ ଭୀଷଣ କ୍ଷୋଭ (ଅସନ୍ତୋଷ) ପ୍ରକାଶ କଲେ ଏବଂ ଏକ

ସଂକ୍ଷିପ୍ତ ଅଭିଭାଷଣରେ ବେଶ୍ ଆବେଗପୂର୍ଣ୍ଣତାର ସହିତ କହିଲେ; ଏହା ଅତ୍ୟନ୍ତ ଅସଭ୍ୟ ଓ ଅନୁଚିତ୍ ଆପତ୍ତି । କାରଣ କୁରୈଶ୍ ଯେ କି ଆମ ବିପକ୍ଷରେ ରଣଭୂମିରେ ଓହ୍ଲାଇ ଆସିଥିଲେ ସେମାନେ ସ୍ୱୟଂ ସେଥିରୁ ବିରତ ହୋଇ ସନ୍ଧି କରିବାକୁ ପ୍ରସ୍ତୁତ ହୋଇଗଲେ । ଆଉ ଆସନ୍ତା ବର୍ଷ ଆମମାନଙ୍କ ପାଇଁ ମକ୍କାର ଦ୍ୱାର ଉନ୍ମୁକ୍ତ କରିଦେବାର ପ୍ରତିଶୃତି ମଧ୍ୟ କଲେ ଏବଂ ଆମେ ଶାନ୍ତି ଓ ନିରାପତ୍ତାର ସହିତ ମକ୍କାବାସୀଙ୍କ ଉପଦ୍ରବରୁ ମୁକୁଳି ତଥା ଆସନ୍ତାରେ ବିଜୟର ସୁସମାଚାର ଲାଭ କରି ଫେରୁଅଛେ । **ସୁତରାଂ ନିସନ୍ଦେହରେ ଏହା ଏକ ମହାନ ବିଜୟ ।** କ'ଣ ତୁମେମାନେ ସେହି ଦୃଶ୍ୟକୁ ପାସୋରି ଯାଇଛ ଯେତେବେଳେ କୁରୈଶ୍ ଓ୍ୱହଦ୍ ଓ ଏହଜାବ୍ ଯୁଦ୍ଧରେ ଆମ ଉପରେ ଚଢାଉ କରିଥିଲେ । ଆଉ ଏହି ଭୂପୃଷ୍ଠ ବ୍ୟାପକ ହେବା ସତ୍ତ୍ୱେ ତୁମମାନଙ୍କ ପାଇଁ ସଂକୁଚିତ ହୋଇ ଯାଇଥିଲା ଏବଂ ତୁମର ଚକ୍ଷୁ ଚକିତ ରହି ଯାଇଥିଲା, ତୁମର କଲିଜା ତୁଣ୍ଡକୁ ଆସି ଯାଇଥିଲା । କିନ୍ତୁ ଆଜି ସେହି କୁରୈଶ୍ ତୁମ ସହିତ ଶାନ୍ତିଚୁକ୍ତି ସାକ୍ଷର କରିଛନ୍ତି । ସାହାବାମାନେ କହିଲେ; ହେ ଅଲ୍ଲାଃଙ୍କ ରସୁଲ୍ ! ଆମେମାନେ ବୁଝିଗଲୁ । ଆମେମାନେ ବୁଝିଗଲୁ । କାରଣ ମହାଭାଗଙ୍କ ଦୂରଦୃଷ୍ଟି ଯେଉଁ ପର୍ଯ୍ୟନ୍ତ ପହଞ୍ଚୁ ଅଛି ଆମେ ବା କିପରି ତାହା ନିକଟତର ହୋଇପାରିବୁ ।

ହଜରତ ମସିହ ମଉଦ[ଅ.ସ] ବର୍ଣ୍ଣନା କରନ୍ତି ଯେ, ହୁଦେବିୟାର ଘଟଣାକୁ ପରାକ୍ରମୀ ଅଲ୍ଲାଃ ଶ୍ରେଷ୍ଠ ବିଜୟ ନାମରେ ନାମିତ କରିଛନ୍ତି ଏବଂ ଏହା ଦର୍ଶାଇ ଦେଲେ; ଇନ୍ନା ଫତହ୍‌ନା ଲକା ଫତ୍‌ହମ୍ ମୁବିନା ସେହି ବିଜୟ ସଂକ୍ରାନ୍ତରେ ଅଧିକାଂଶ ସାହାବା ଅଜ୍ଞାତ ଥିଲେ । ବରଂ କେତେକ କପଟବିଶ୍ୱାସୀ ତ ଏହି ଘଟଣାରେ ବିପଥଗାମୀ ପାଲଟି ଗଲେ କିନ୍ତୁ ବାସ୍ତବରେ ତାହା ଶ୍ରେଷ୍ଠ ବିଜୟ ଥିଲା । ଯଦିଚ ତାହାର ପରିଣାମ ଦୂରନ୍ତର ଓ ଗଭୀର ଥିଲା । ଅଲ୍ଲାମା (ପଣ୍ଡିତ) ବଲାଜରି[ର.ଅ] ଉଲ୍ଲେଖ କରିଛନ୍ତି– ଉକ୍ତ ସନ୍ଧିର ଅନେକ (ସକାରାତ୍ମକ) ପରିଣାମ ଓ ପ୍ରଭାବ ପ୍ରକାଶ ପାଇଲା ଅର୍ଥାତ ପରିଶେଷରେ ମୁସଲମାନମାନେ ମକ୍କା ବିଜୟ କରିନେଲେ ଏବଂ ସମସ୍ତ ମକ୍କାବାସୀ ଇସଲାମ ଧର୍ମରେ ଦିକ୍ଷିତ ହୋଇଗଲେ । ହଜରତ ମସିହ ମଉଦ[ଅ.ସ] ବର୍ଣ୍ଣନା କରନ୍ତି ଯେ, ସୁଲ୍‌ହା ହୁଦେବିୟାର କଲ୍ୟାଣମୟ ପରିଣାମ ମଧ୍ୟରୁ ଗୋଟିଏ ଏହା ଥିଲା ଯେ, ଲୋକମାନଙ୍କୁ ହଜରତ ମୁହମ୍ମଦ [ସ.ଅ]ଙ୍କ ନିକଟକୁ ଆସିବାର ସୁଯୋଗ ମିଳିଲା ଏବଂ ସେମାନେ ମହାଭାଗଙ୍କ ମଧୁର ବଚନ ଶୁଣି ସହସ୍ର ସଂଖ୍ୟାରେ ବିଶ୍ୱାସ ଆଣିଲେ । ଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ପରବର୍ତ୍ତୀ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହେଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହେଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

29th November 2024

*Translated to Odia by :* Moulavi Anwar Ahmad Khan